# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**27th May – 2025**

**News Editor : Itishree Singh Rathaur**

******************************************

## <u>ମୁଖ୍ୟ ସମ୍ବାଦ</u>

- ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଆଜି ୬୮ ଜଣଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ପଦ୍ମ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି
- କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂଙ୍କ ସହ ନୂଆଦିଲ୍ଲୀରେ ସାକ୍ଷାତ କରି ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ବିକାଶ ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ
- କୋଟିଆ ବିବାଦରେ ଆସନ୍ତା ୩ ତାରିଖରେ ଅନୁଷ୍ଠିତ ହେବ ସମନ୍ୱୟ ବୈଠକ

ଏବଂ

- ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହେବା ସମ୍ଭାବନା; ରାଜ୍ୟରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ବର୍ଷା ହେବା ନେଇ ପାଣିପାଗ ବିଭାଗର ଅନୁମାନ

## ପଦ୍ମ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ନାଗରିକ ପୁରସ୍କାର’ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ୬୮ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ଚଳିତବର୍ଷ ୭ ଜଣ ପଦ୍ମବିଭୂଷଣ, ୧୯ ଜଣ ପଦ୍ମଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୭୧ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଓଡ଼ିଶାରୁ ୪ ଜଣ ଡକ୍ଟର ଅଶୋକ ମହାପାତ୍ର, ଲେଖିକା ପ୍ରତିଭା ଶତପଥି, ଭାସ୍କର୍ଯ୍ୟଶିଳ୍ପୀ-ଅଦ୍ୱୈତ ଚରଣ ଗଡନାୟକ, ଓଡ଼ିଶୀ ନୃତ୍ୟଗୁରୁ-ଦୁର୍ଗାଚରଣ ରଣବୀରଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି।

## ପଦ୍ମ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ନାଗରିକ ପୁରସ୍କାର’ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ୬୮ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ଚଳିତବର୍ଷ ୭ ଜଣ ପଦ୍ମବିଭୂଷଣ, ୧୯ ଜଣ ପଦ୍ମଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୭୧ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଓଡ଼ିଶାରୁ ୪ ଜଣ ଡକ୍ଟର ଅଶୋକ ମହାପାତ୍ର, ଲେଖିକା ପ୍ରତିଭା ଶତପଥି, ଭାସ୍କର୍ଯ୍ୟଶିଳ୍ପୀ-ଅଦ୍ୱୈତ ଚରଣ

ଗଡନାୟକ, ଓଡ଼ିଶୀ ନୃତ୍ୟଗୁରୁ-ଦୁର୍ଗାଚରଣ ରଣବୀରଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

## ରାଜନାଥ ସିଂ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀଠାରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ସହ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ମୁଖ୍ୟମନ୍ତ୍ରୀ ଜାତୀୟ ପରିପ୍ରେକ୍ଷୀରେ ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଭୂମିକା ବିଷୟରେ ଆଲୋଚନା କରିଥିବା ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହି ସମୟରେ ବାଲେଶ୍ୱର, ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଏବଂ ଏପିଜେ ଅବଦୁଲ କଲାମ ଦ୍ୱୀପ ଏବଂ ପାରାଦ୍ୱୀପ, ଗୋପାଳପୁର ଏବଂ ଧାମରା ବନ୍ଦରର ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହ ଏହିସବୁ ଅଂଚଳର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡିଛି ।

## ଅନ୍ତ୍ୟୋଦୟ ଗୃହ ବଣ୍ଟନ

ମୌସୁମୀ ପରେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଅନ୍ତ୍ୟୋଦୟ ଗୃହ ବଣ୍ଟନ କାର୍ଯ୍ୟକ୍ରମ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, ସବୁ ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଗୃହ ବଣ୍ଟନ କରାଯିବ। ପ୍ରଥମ ପର୍ଯ୍ୟାୟରେ ପାଖାପାଖି ୬୦ ହଜାର ଘର ଦିଆଯାଇଛି ଏବଂ ଆସନ୍ତା ୨ ମାସ ମଧ୍ୟରେ ଏହି ପ୍ରକ୍ରିୟା ସରିବ ବୋଲି ମନ୍ତ୍ରୀ କହିଛନ୍ତି ।

**-V/O-***(Rabi Narayan Nayak)*

## କୁଳପତି ନିଯୁକ୍ତି

ପ୍ରଫେସର ଜଙ୍ଘେଶ୍ୱର ଦଣ୍ଡପାଟଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ ଭାରପ୍ରାପ୍ତ କୁଳପତିଭାବେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ନିଯୁକ୍ତି ଦେଇଛନ୍ତି । ଏ ନେଇ ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବର୍ତ୍ତମାନ ଶ୍ରୀ ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତିବିଦ୍ୟା ବିଭାଗ ଦାୟିତ୍ୱରେ ଅଛନ୍ତି ।

## ନକ୍ସଲ ଆତ୍ମସମର୍ପଣ

**ରାୟଗଡ଼ା** ଆରକ୍ଷୀ ଅଧିକ୍ଷକ ସ୍ୱାଥୀ ଏସ୍‌.କୁମାରଙ୍କ ନିକଟରେ ମାଓବାଦୀ ବିଜୟ ପୁନେମ୍ ଓରଫ ଅଜୟ ନାୟକ ଆତ୍ମସମର୍ପଣ କରିଛନ୍ତି । ଛତିଶଗଡ଼ ବାଟିଗୁଡ଼ା ଗ୍ରାମ ବାସିନ୍ଦା ବିଜୟ ଦୀର୍ଘବର୍ଷ ଧରି ବଂଶଧାରା-ଘୁମୁସର-ନାଗାବଳୀ ଡିଭିଜନର କ୍ୟାଡର ମାଓବାଦୀ ଭାବେ କାର୍ଯ୍ୟ କରୁଥିଲେ । ସେ ଛତିଶଗଡ଼, ମାଲକାନଗିରି, କୋରାପୁଟ, ନୂଆପଡ଼ା, କଳାହାଣ୍ଡି, ବୌଦ୍ଧ, କନ୍ଧମାଳ ଏବଂ ରାୟଗଡ଼ାରେ ଘଟିଥିବା ବିଭିନ୍ନ ମାଓ ହିଂସାରେ ଜଡିତ ଥିଲେ । ମାଓ ସଂଗଠନ ଉପରେ ବିମୁଖ ହୋଇ ସେ ଆତ୍ମ ସମର୍ପଣ କରିଥିବା ରାୟଗଡ଼ା ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ବିଜୟଙ୍କ ଉପରେ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଆତ୍ମ ସମର୍ପଣ କରିଥିବା ମାଓବାଦୀଙ୍କୁ ସରକାର ନକ୍ସଲ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବେ ବୋଲି ଆରକ୍ଷୀ ଅଧିକ୍ଷକ କହିଛନ୍ତି ।

## ସୀମା ବିବାଦ

କୋଟିଆ ବିବାଦର ସମାଧାନ ପାଇଁ ଆସନ୍ତା ମାସ ୩ ତାରିଖରେ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ । ଏହାପୂର୍ବରୁ ଗୃହ କମିଟି ବୈଠକର ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପିତ କରାଯିବ ବୋଲି ଜଣାପଡିଛି ।

ରାଜ୍ୟ ସୀମା ବିବାଦର ସମାଧାନ ପାଇଁ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ  ପ୍ରଥମ ବୈଠକ ଆରମ୍ଭ ହୋଇଯାଇଛି। ବୈଠକରେ ସୀମା ବିବାଦ ସମାଧାନ ପାଇଁ ଗଠିତ ଗୃହ କମିଟିର ସଦସ୍ୟମାନେ ଉପସ୍ଥିତ ରହି କୋଟିଆ, ପୋଲାଭରମ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଓଡ଼ିଶା ସୀମାରେ ପଡୋଶୀ ରାଜ୍ୟଗୁଡ଼ିକର ପ୍ରଭାବକୁ ହ୍ରାସ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଉପରେ ଆଲୋଚନା ହୋଇଥିବା ଜଣାପଡିଛି।

# ସାବିତ୍ରୀ

ପୁରୀ ଶ୍ରୀମନ୍ଦିରରେ ଆଜି ସାବିତ୍ରୀ ଅମାବାସ୍ୟା ପାଳନ କରାଯାଉଛି । ପରମ୍ପରା ଅନୁଯାୟୀ ସାବିତ୍ରୀ ଅମାବାସ୍ୟା ତିଥିରେ ଦ୍ୱିତୀୟ ଜଳକ୍ରୀଡ଼ା ନୀତି ପାଳିତ ହେଉଛି। ଶ୍ରୀଜୀଉମାନଙ୍କ ଆଲଟ ଓ ଚନ୍ଦନଲାଗି ନୀତି ଶେଷ ହେବା ପରେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ମିଳିବା ପରେ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଛନ୍ତି। ମଣ୍ଡପରେ ଭିତର ଚନ୍ଦନଯାତ୍ରା ନୀତି ଅନୁଷ୍ଠିତ ହେଉଛି। ଶ୍ରୀ ଅମାବାସ୍ୟା ନାରାୟଣ ଠାକୁରଙ୍କୁ ଆଜ୍ଞାମାଳ ପ୍ରାପ୍ତ ହେବା ପରେ ଆଜି ସାଗର ବିଜେ ନୀତି ମଧ୍ୟ ଅନୁଷ୍ଠିତ ହେବ ।

# ଶୀତଳଷଷ୍ଠୀ

ଶୀତଳଷଷ୍ଠୀ ଯାତ୍ରାର ପତରପେଣ୍ଡି ବା ନିର୍ବନ୍ଧ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହେବ । ସମ୍ବଲପୁରର ନନ୍ଦପଡ଼ାର ବମ୍ବରାଡ଼ ବାଲୁଙ୍କେଶ୍ୱରବାବାଙ୍କର ଆଜି ନିର୍ବନ୍ଧ କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟା ସମୟରେ ଶୋଭାଯାତ୍ରାରେ ଶଙ୍ଖ, ଘଣ୍ଟ, ଦୁଲ୍‌ଦୁଲି ତଥା ଲୋକନୃତ୍ୟ ସାଥୀରେ ନେଇ ବରପିତା ଓ ସପ୍ତଋଷି

କନ୍ୟାଘରେ ପହଞ୍ଚିଲା ପରେ ସର୍ଗିପତ୍ରର ବିଡ଼ା ଓ ବେଲପତ୍ର ଦେଇ ନିର୍ବନ୍ଧ ବିଧି ସଂପନ୍ନ ହେବ ।

## ଶିଶୁପାଇଁ ଦିନଟିଏ

**ରାୟଗଡ଼ା** ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକ୍ ପ୍ରଶାସନ ପକ୍ଷରୁ ବାଲ୍ୟବିବାହ ନିରାକରଣ ସଂକ୍ରାନ୍ତୀୟ ଶିଶୁପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବାଲ୍ୟବିବାହକୁ ରୋକିବା ପାଇଁ ଗୋଷ୍ଠିସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ।

**ଭଦ୍ରକ** ଜିଲ୍ଲା ବନ୍ତ ବ୍ଲକ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୦୪ଟି ଅଭିଯୋଗର ଶୁଣାଣି କରାଯାଇଛି । ଜିଲ୍ଲାପାଳ ଶ୍ରୀ ରାଉତରାୟ ୪ ଜଣଙ୍କୁ ଜିଲ୍ଲା ରେଡକ୍ରସ୍ ଏବଂ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪୯ ହଜାର ଟଙ୍କା ପ୍ରଦାନ କରିଛନ୍ତି ।

**ନୟାଗଡ଼** ଜିଲ୍ଲା ନୂଆଗାଁ ବ୍ଲକ୍‌ରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ୭୧ଟି ଦରଖାସ୍ତ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୫୯ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୦ଟି ସାମୂହିକ ଗ୍ରାମ ବିବାଦ ଅଭିଯୋଗର ଶୁଣାଣି କରାଯାଇଥିଲା ।

**କେନ୍ଦ୍ରାପଡ଼ା** ଜିଲ୍ଲା ରାଜକନିକା ବ୍ଲକରେ ଆଜି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ୬୯ଟି ପଞ୍ଜୀକୃତ ଅଭିଯୋଗ  ମଧ୍ୟରୁ ୬ଟି ସାମୂହିକ ଏବଂ ୬୩ଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରାଯାଇଥିଲା ।

**ଗଜପତି** ଜିଲ୍ଲା ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ କଇଁପୁର ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜନଅଭିଯୋଗ ଶୁଣାଣି ଜିଲ୍ଲାପାଳ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପଞ୍ଜୀକୃତ ୫୨ଟି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଥିଲେ ।

**ବୌଦ୍ଧ** ସଦର ବ୍ଲକ୍ ଅନ୍ତର୍ଗତ ବଘିଆପଡ଼ା ପଂଚାୟତ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

**ଦେବଗଡ଼** ଜିଲ୍ଲା ରିଆମାଳ ବ୍ଲକ୍ କଣ୍ଟାବାହାଳ ଗ୍ରାମପଞ୍ଚାୟତ ସମ୍ମିଳନୀକକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୪୨ଟି ଅଭିଯୋଗ ଗ୍ରହଣ କରିବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଅଭିଯୋଗ ଶୁଣାଣି-୨

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୩୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା।

**ସୁବର୍ଣ୍ଣପୁର** ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍‌ସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

## ସିଏମ୍ ଟ୍ରଫି

ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସିଏମ୍‌ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଆଜି କେନ୍ଦ୍ରାପଡାରୁ ୨୨ ଜଣିଆ ଦଳ ଭୁବନେଶ୍ୱର ଗସ୍ତ କରିଛନ୍ତି। ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଖେଳାଳିମାନଙ୍କ ସହ ଏ ନେଇ ଆଲୋଚନା କରିଥିଲେ।

## ମ୍ୟୁନିସିପାଲିଟି ମାନ୍ୟତା

**ଗଞ୍ଜାମ** ଜିଲ୍ଲା ପୋଲସରା ବିଜ୍ଞପିତ ଅଂଚଳ ପରିଷଦ-ଏନ୍‌ଏସିକୁ ମ୍ୟୁନିସିପାଲିଟି କରିବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ଆରମ୍ଭ ହୋଇଛି। ନିର୍ଦ୍ଧାରିତ ଫର୍ମରେ ତଥ୍ୟ ଦାଖଲ ପାଇଁ ପୋଲସରା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗଞ୍ଜାମ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ପକ୍ଷରୁ ପତ୍ର ଲେଖାଯାଇଛି।

## ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ସଂଲଗ୍ନ ଉତ୍ତର ବଙ୍ଗୋପ ସାଗରରେ ସକ୍ରିୟ ଘୂର୍ଣ୍ଣିବଳୟର ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଭାଗ ଅନୁସାରେ, ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡ଼ି ସହ ଅତି ପ୍ରବଳ ବର୍ଷା ହେବା ନେଇ କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ ଓ ଯାଜପୁର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ପ୍ରବଳ ବର୍ଷା ହେବା ନେଇ ୨୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ, ଦକ୍ଷିଣପଶ୍ଚିମ ମୌସୁମୀବାୟୁ ଅଗ୍ରସର ହେବା ନେଇ ପାଗ ଅନୁକୂଳ ରହିଛି । ଏ ସମ୍ପର୍କରେ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି...

**-V/O-***(Mrutyunjaya Mohapatra)*

*******************************